ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

# 'ଓଡ଼ିଆ ସ୍ୱାଭିମାନ ପାଇଁ ମଧୁବାବୁ ପ୍ରେରଣାର ଆଲୋକ ହୋଇରହିବେ' :ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା

ଭୁବନେଶ୍ୱର, ୪/୦୨/୨୦୧୯

ଉତ୍କଳଗୌରବ ମଧୁସୂଦନ ଓଡ଼ିଶାର ରାଜନୈତିକ ଇତିହାସରେ ଅନ୍ୟତମ ପ୍ରମୁଖ ବିନ୍ଧାଣୀ । ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାକୁ ପ୍ରତିଷ୍ଠିତ ତଥା ପରିବର୍ଦ୍ଧିତ କରିବାକୁ ପ୍ରତିଟି ଓଡ଼ିଆ ଯେତେବେଳେ ଉଦ୍ୟମ କରିବେ, ସେତେବେଳେ ମଧୁବାବୁଙ୍କୁ ପ୍ରେରଣାର ଆଲୋକ ଭାବରେ ପାଉଥିବେ ବୋଲି ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ତଥା ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଜେନା କହିଲେ ଯେ ମଧୁବାବୁଙ୍କ ଜୀବନ ଓଡ଼ିଶାରେ ନବଜାଗରଣର ଅଭ୍ୟୁଦୟ ପାଇଁ ଉତ୍ସର୍ଗୀକୃତ ଥିଲା । ଓଡ଼ିଶାରେ ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରୀର ଅଭିବୃଦ୍ଧି, ଭାଷା ଆନ୍ଦୋଳନ, ନାରୀ ଜାଗରଣ ଓ ସଶକ୍ତିକରଣ ଏବଂ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନର ପ୍ରମୁଖ ମହାରଥୀ ଭାବରେ ମଧୁବାବୁ ଚିରସ୍ମରଣୀୟ ରହିବେ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ।

କଟକ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଜ୍ୟୋତିରେଖା ନାୟକ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ନିଜକୁ ମଧୁବାବୁଙ୍କ ଜନ୍ମମାଟିର ଝିଅ ଓ ବୋହୂ ହୋଇଥିବାରୁ କୃତଜ୍ଞ ବୋଲି କହିଥିଲେ । ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିବା ସହିତ ମଧୁବାବୁଙ୍କ ଉଦ୍ଦେଶ୍ୟରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଭୁବନେଶ୍ୱରସ୍ଥିତ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ ମଧୁବାବୁ ଏକ ପ୍ରଭାବଶାଳୀ ଅନୁଷ୍ଠାନ ଥିଲେ । ଜୀବନର ବହୁକ୍ଷେତ୍ରରେ ପ୍ରଥମ ହୋଇଥିବା ମଧୁବାବୁ ପିଢ଼ି ପରେ ପିଢ଼ିଙ୍କୁ ଅନୁପ୍ରାଣୀତ କରିଆସିଛନ୍ତି । ତାଙ୍କ ଜୀବନର ଘଟଣାବହୁଳ ଅଧ୍ୟାୟଗୁଡ଼ିକ ଓଡ଼ିଶା ଇତିହାସରେ ଲିପିବଦ୍ଧ ରହିଛି । ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ପାଇଁ ଉତ୍କଳଗୌରବଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓଡ଼ିଶାବାସୀଙ୍କୁ ଅନୁପ୍ରାଣୀତ ପ୍ରଭାବିତ କରୁଥିବ ।

କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ଉତ୍କଳଗୌରବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଆବାହନୀ ସଂଗୀତ ପରିବେଷଣ କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଅବଗତ କରାଇଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ସୂଚନା ଅଧିକାରୀ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଭା ଶେଷରେ 'ସ୍ୱରବିତାନ' ଅନୁଷ୍ଠାନ ପକ୍ଷରୁ କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନୀ ଦାସ, ବିଭୁପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକ ପ୍ରମୁଖ ସ୍ୱନାମଧନ୍ୟ କଣ୍ଠଶିଳ୍ପୀବୃନ୍ଦ ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ ।

ସକାଳେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ଶ୍ରୀ ବିପିନ ବିହାରୀ ବାରିକି, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀ ସନ୍ତୋଷ କୁମାର ଦାସଙ୍କ ସମେତ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏବଂ ବହୁ ବୁଦ୍ଧିଜୀବୀ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ